ଓଡ଼ିଶା ଡ଼ଟ୍ କମ୍
odisha.com
World's first and only 24x7 Oriya news portal

Saturday, Mar 29, 2008



ପ୍ରଚ୍ଛଦ
ସୂଚୀ
- ଓଡ଼ିଶା ଖବର
- ପରିବେଶ
- ବିଜ୍ଞାନ
- ଶିକ୍ଷା
- ନାରୀ
- ପ୍ରବାସୀ ଓଡ଼ିଆ
- ବାଣିଜ୍ୟ ବ୍ୟବସାୟ
- ସ୍ୱାସ୍ଥ୍ୟ
- ଜିଲ୍ଲା ଖବର
- ରାଜନୀତି
- ଅପରାଧ
- ଧର୍ମ
- କଳା
- କ୍ୟାଲେଣ୍ଡର
- ସୂଚନା ଓ ପ୍ରଯୁକ୍ତି

ଅନ୍ୟାନ୍ୟ [+]
ବିଶେଷ ସ୍ତମ୍ଭ [+]
ଛବି [+]

**୨୮ ମାର୍ଚ୍ଚ ଶୁକ୍ରବାର ୨୦୦୮**

**Font Problem Click here**

## ଆଇଆଇଟି ପ୍ରତିଷ୍ଠା ଘୋଷଣାକୁ ପ୍ରବାସୀ ଓଡ଼ିଆଙ୍କ ସ୍ୱାଗତ

ଓଡ଼ିଶା ଡ଼ଟ୍ କମ୍ ସମ୍ବାଦଦାତା

ଭୁବନେଶ୍ୱର, ମାର୍ଚ୍ଚ ୨୮ (ଓଡ଼ିଶା ଡ଼ଟ୍ କମ୍) ବହୁ ଦିନର ଦାବି ପରେ ଓଡ଼ିଶାରେ ଏକ ଆଇଆଇଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଶୁକ୍ରବାର କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ଅର୍ଜ୍ଜୁନ ସିଂ ଘୋଷଣା କରିଥିବାରୁ ଏହାକୁ ରାଜ୍ୟବାସୀଙ୍କ ସହ ବିଶ୍ୱର ବିଭିନ୍ନ ସ୍ଥାନରେ ଥିବା ପ୍ରବାସୀ ଓଡ଼ିଆମାନେ ସ୍ୱାଗତ କରିଛନ୍ତି ।

ରାଜ୍ୟରେ ଏକ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ଟେକନୋଲୋଜି (ଆଇଆଇଟି) ପ୍ରତିଷ୍ଠା ପାଇଁ ରାଜ୍ୟବାସୀଙ୍କ ଦାବି ସହ ତାଳ ଦେଇ ବିଗତ ଦିନରେ ପ୍ରବାସୀ ଓଡ଼ିଆ ମାନେ ମଧ୍ୟ ସ୍ୱର ଉତ୍ତୋଳନ କରିଥିଲେ ।

ଆଇଆଇଟି ଦାବିରେ ‘ଓଡ଼ିଶା ଡ଼ଟ୍ କମ’ ପକ୍ଷରୁ ଆରମ୍ଭ ହୋଇଥିବା ଅନ୍‌ଲାଇନ୍ ପିଟିସନ ଅଭିଯାନରେ ବହୁ ସଂଖ୍ୟକ ପ୍ରବାସୀ ଓଡ଼ିଆ ମଧ୍ୟ ଦସ୍ତଖତ କରି ଏହି ଦାବି ପ୍ରତି ସମର୍ଥନ ଜଣାଇ ଆସିଥିଲେ ।

ଓଡ଼ିଶାର ବିଭିନ୍ନ ହକ୍ ଉପରେ ସର୍ବଦା ଜୋର ଦେଇ ଆସିଥିବା ପ୍ରବାସୀ ଓଡ଼ିଆ ପ୍ରଫେସର ଚିତ୍ତ ବରାଳ ଏବଂ ଆମେରିକାସ୍ଥିତ ପ୍ରବାସୀ ଓଡ଼ିଆ ସଂଗଠନର କର୍ମକର୍ତ୍ତା ଧିରେନ୍ଦ୍ର କର ପ୍ରମୁଖ କେନ୍ଦ୍ର ସରକାର ଏବଂ ଓଡ଼ିଶା ବାସୀଙ୍କୁ ଧନ୍ୟବାଦ ଦେଇ ଶେଷରେ ଓଡ଼ିଶାକୁ ତାର ଦାବି ମିଳିପାରିଲା ବୋଲି କହିଛନ୍ତି ।

କେନ୍ଦ୍ରର ଏହି ନିଷ୍ପତ୍ତିକୁ ମଧ୍ୟ ରାଜ୍ୟର ଶିକ୍ଷାବିତ୍, ରାଜନେତା ଏବଂ ଛାତ୍ରଛାତ୍ରୀ ମହଲରେ ସ୍ୱାଗତ କରାଯାଇଛି । ରାଜ୍ୟବାସୀଙ୍କ କ୍ରମାଗତ ସ୍ୱର ଉତ୍ତୋଳନ ଯୋଗୁଁ ଏହା ସମ୍ଭବ ହୋଇଥିବା ଅନେକ ଶିକ୍ଷାବିତ୍ ପ୍ରକାଶ କରିଛନ୍ତି । ବିଳମ୍ବରେ ହେଲେ ବି କେନ୍ଦ୍ର ଏହି ନିଷ୍ପତ୍ତି ନେଇଥିବାରୁ ସେମାନେ ସନ୍ତୋଷ ପ୍ରକାଶ କରିଛନ୍ତି ।

ତେବେ ଏହା କେନ୍ଦ୍ରର ୟୁପିଏ ସରକାରଙ୍କର ରାଜ୍ୟକୁ ଉପହାର ବୋଲି କଂଗ୍ରେସ ନେତା କହୁଥିବା ବେଳେ ରାଜ୍ୟର ନବୀନ ସରକାରଙ୍କ ପ୍ରଚେଷ୍ଟା ଯୋଗୁଁ ଏହା ହୋଇପାରିଥିବା ଶାସକ ବିଜେଡ଼ି-ବିଜେପିର ଅନେକ ନେତା କହିଛନ୍ତି ।

ସୂଚନାଯୋଗ୍ୟ, ଆଇଆଇଟି ଦାବିରେ ବିଗତ ଦିନରେ ରାଜ୍ୟର ବିଭିନ୍ନ ରାଜନୈତିକ ଦଳ ସହ ଅନେକ ସଂଗଠନ ଭିନ୍ନ ଭିନ୍ନ ସ୍ତରରେ ସ୍ୱର ଉତ୍ତୋଳନ କରିଥିବା ବେଳେ ସଂସଦରେ ମଧ୍ୟ ସାଂସଦ ମାନେ କ୍ରମାଗତ ଦାବି ଉତ୍ଥାପନ କରିଆସୁଥିଲେ ।

ଓଡ଼ିଶା ଡ଼ଟ୍ କମ୍

If we could save you 59% on your student loans, would you click on this ad?

ଓଡ଼ିଶା ଡ଼ଟ୍ କମ୍ [+]

ବିଶେଷ [+]

Contact address: info@odisha.com , odisha@rediffmail.com
Copy right 2004-2009 odisha.com, All rights reserved
**Publisher & Owner: JATINDRA DASH**
**Editor: Prasanta Patnaik**
ଓଡ଼ିଶା ଡ଼ଟ୍ କମ୍ର ଘୋଷଣାନାମା